# Akashvani, Sambalpur

## SAMBALPURI NEWS BULLETIN

### 30 July 2025- 6.47- 6.52 am.

**********************************************

ଆକାଂକ୍ଷୀ ଜିଲ୍ଲା, ବ୍ଲକ-ମୁଖ୍ୟମନ୍ତ୍ରୀ        I&PR

ଦୁର୍ଗମ୍ ଇଲାକା ନ ବିକାଶ୍‌କେ ତହଁକାବାର୍ ଦିଗେ ଆକାଂକ୍ଷୀ ଜିଲ୍ଲା ଆଉ ବ୍ଲକ୍ ଗୁଟେ ସଫଲ୍ ମୋଡ଼େଲ୍ ହେଇପାରିଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଗଲାକାଏଲ୍ ଯୋଜ୍‌ନା ଆଉ ସଂଯୋଜନ ବିଭାଗ୍ ତର୍‌ଫୁ ହେଇଥିବା ସମ୍ପୂର୍ଣ୍ଣତା ଅଭିଯାନ୍ ସମ୍ମାନ୍ ସମାରୋହଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଆଏବା ଦିନେ ଆକାଂକ୍ଷୀ ଜିଲ୍ଲାମାନ୍‌କର୍ ଆକାଂକ୍ଷା ପୁରା ହେବା ବଲି କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ହସ୍ତେତକ୍ ହେବାର୍‌କେ ଥିବା ଆକାଂକ୍ଷା ହାଟ ଅଭିଯାନ୍ ମୁଲ୍ କର୍‌ବାର୍‌କେ ଘୋଷ୍‌ନା କରିଛନ୍ । ଇ ଅବ୍‌ସରେ ଆକାଂକ୍ଷୀ ଇଲାକାର୍ ଉତ୍ପାଦିତ୍ ଦରବ୍‌କେ ନେଇକରି ଆକାଂକ୍ଷା ବ୍ରାଣ୍ଡ୍‌ର ପ୍ରଚାର୍ ପ୍ରସାର୍ କରାଯିବା । କାର୍ଯ୍ୟକ୍ରମ୍ ଅବ୍‌ସରେ ଭଲ୍ ପ୍ରଦର୍ଶନ୍

କରିଥିବା ଆକାଂକ୍ଷୀ ଜିଲ୍ଲା ଆଉ ବ୍ଲକ୍ ମାନ୍‌କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ୍ କରିଛନ୍ ।

ଉପମୁଖ୍ୟମନ୍ତ୍ରୀ-କେନ୍ଦ୍ରମନ୍ତ୍ରୀ ସାକ୍ଷାତ୍ I&PR

ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଗଲାକାଏଲ୍ ନୂଆଦିଲ୍ଲୀ ଠାନେ କେନ୍ଦ୍ର ଶକ୍ତିମନ୍ତ୍ରୀ ମନୋହର୍ ଲାଲ୍ ଖଟ୍ଟର୍‌ଙ୍କୁ ଭେଟିକରି ଓଡ଼ିଶା ନ ବିଦ୍ୟୁତ୍ କ୍ଷେତ୍ରର୍ ଭିନ୍ ଭିନ୍ ବିଷେଥି ଆଲୋଚନା କରିଛନ୍ । ପୁନର୍ବିନ୍ୟାସ୍ କ୍ଷେତ୍ର ଯୋଜ୍‌ନା ଅଧୀନ୍‌ଥି ୩ ହଜାର୍ କୋଟିନୁ ଅଏତ୍‌କା ଟଙ୍କାର୍ ପାଣ୍ଠି ମଞ୍ଜୁର୍, ପ୍ରାକୃତିକ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତିଭୂମି ବ୍ୟବସ୍ଥା ଲାଗି କେନ୍ଦ୍ରୀୟ ସାହାଜ୍, ଏଲ୍.ଏନ୍.ସି. ତଲାବିରା ୨ ନମ୍ବର୍ ପ୍ରକଳ୍ପନୁ ଓଡ଼ିଶାକେ ୮ ଶହ ମେଗାୱାଟ୍ ବିଦ୍ୟୁତ୍ ଯୁଗେଇ ଦେବାର୍ ବିଷେଥି କେନ୍ଦ୍ରମନ୍ତ୍ରୀଙ୍କର୍ ସାଙ୍ଗେ ଉପମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ ।

ମତ୍ସ୍ୟ ଆଉ ପ୍ରାଣୀସମ୍ପଦ ବିଭାଗ୍ ସମୀକ୍ଷା I&PR

ଭୁବ୍‌ନେଶ୍ୱର୍ କୃଷି ଭବନ୍ ଠାନେ ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍‌ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ମତ୍ସ୍ୟ ଅଧିକାରୀମାନ୍‌କର୍

ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ରାଏଜେ କାର୍ଯ୍ୟକାରୀ ହେଉଥିବା ପ୍ରମୁଖ ଯୋଜ୍‌ନାର୍ ଅଗ୍ରଗତି ବାବ୍‌ଦେ ସମୀକ୍ଷା କରାଯାଇଥିଲା । ୨୦୨୫-୨୬ ଆର୍ଥିକ୍ ବଛ୍‌ରେ ହିତାଧିକାରୀମାନ୍‌କର୍ ଦର୍‌ଖାସ୍ତ ଗ୍ରହଣ୍ କରିକରି କାର୍ଯ୍ୟାଦେଶ୍ ଦେବାର୍‌କେ ମନ୍ତ୍ରୀ ଶ୍ରୀ ମଲ୍ଲିକ୍ ଜିଲ୍ଲାର୍ ମତ୍ସ୍ୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ପୂର୍ତ୍ତ ବିଭାଗ୍ ଟେଣ୍ଡର୍ କାମ-ମନ୍ତ୍ରୀ ଏକ୍ସ

ପୂର୍ତ୍ତ ବିଭାଗ୍ ଟେଣ୍ଡର୍ କାମ୍‌କେ ତୁର୍‌ତି କର୍‌ବାର୍ ଲାଗି ଏ.ଆଇ. ବେଭାର୍ କରାଯିବା ବଲି ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ସେ କହିଛନ୍, ଟେଣ୍ଡର୍ ପରିଚାଲନାର୍ ସବୁ ପ୍ରକ୍ରିୟାକେ ଅନ୍‌ଲାଇନ୍ କରାଯିବା । ଆଘୋନୁ ବିଡ୍ ମୂଲ୍ୟାଙ୍କନ୍ ପ୍ରକ୍ରିୟା ଲାଗି ୨ ନୁ ଅଢ଼େଇ ମାସ୍ ସମିଆ ଲାଗୁଥିଲା, ଯେନ୍‌ଥିର୍‌ଲାଗି ଟେଣ୍ଡର୍ ପ୍ରକ୍ରିୟା ଡେରି ହେଉଥିଲା ଆଉ ଡିପିଆର୍ ତିଆର୍ କର୍‌ବାର୍‌କେ ବହୁତ୍ ସମିଆ ଲାଗୁଥିଲା । ମାତରକ ଏଆଇ ବେଭାର୍ ଲାଗି ଇ ସବୁ କାମ୍ ହପ୍ତେ ଭିତ୍‌ରେ କରାଯାଇପାର୍‌ବା ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ଓସ୍ୱାସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ସବୁ ସର୍କାରୀ କାର୍ଯ୍ୟାଳୟ ମାନ୍କେ ଓଡ଼ିଶା ଷ୍ଟେଟ୍ ୱ୍ୱାର୍କ ଫ୍ଲୋ ଅଟୋମେସନ୍ ସିଷ୍ଟମ୍ - ଓସ୍ୱାସ୍ ଥି ଫାଇଲ୍ ଆଉ ଚିଠି ପଠାଯିବା ବଲି ସଚିବସ୍ତରୀୟ ବୈଠକ୍ଥି ଧାରିଜ୍ କରାଯାଇଛେ ।
ବୈଠକ୍ର ନିଷ୍ପତି ଅନ୍ସାରେ ସର୍କାରୀ ଫାଇଲ୍ମାନ୍କୁ ଏ.ଆଇ. ଜରିଏ ଅନୁଧ୍ୟାନ୍ କରାଯିବା । ଶାସନ୍ ଆଉ ପ୍ରଶାସନ୍ ବ୍ୟବସ୍ଥାଥି ସ୍ୱଚ୍ଛତା ଆନ୍ବାର୍ ଲାଗି ଆଉ ଲୁକ୍କର୍ ଭାଗିଦାରୀତାକେ ବଢ଼ାବାର୍ ଲାଗି 'ଓକାକ୍' ତର୍ଫୁ ଆମ ଶାସନ୍ ପୋର୍ଟାଲ୍ର ବିକାଶ୍ କରାଯିବା । ରାଜ୍ୟର୍ ସବୁ ଥାନା, ଜଙ୍ଗଲ୍ ବିଭାଗ୍ ଆଉ ଅବକାରୀ କାର୍ଯ୍ୟାଳୟ ନ ସିସିଟିଭି କେମ୍ରା ଲାଗ୍ବା । ଅଭିଯୋଗ୍ ଶୁଣାଣି ଉତ୍ରୁ ଥିତି ଜାନ୍ବାର୍ ଲାଗି ବୈଷୟିକ୍ ଜ୍ଞାନ୍ କୌଶଲ୍ ଜରିଏ ସେସବୁ ଟ୍ରାକିଂ କରାଯିବା ।

ପୋସ୍ ଆଇନ୍ କର୍ମଶାଳା I&PR

କର୍ମକ୍ଷେତ୍ରର ମହିଲାଙ୍କୁ ଯୌନ ନିର୍ଯ୍ୟାତନା ନିବାରଣ୍ ନିଷେଧ ଆଉ ପ୍ରତିକାର୍ ଆଇନ୍ -୨୦୧୩ ଆଇନ୍ ଅଧୀନ୍ଥି ରାଜ୍ୟର୍ ସବୁ ବିଭାଗ୍ ଆଉ କ୍ଷେତ୍ରର୍ ଆଭ୍ୟନ୍ତରିଣ୍ ସମିତି ସଦସ୍ୟ ମାନ୍କର୍ ଗୁଟେ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ଗଲାକାଏଲ୍ ଭୁବ୍ନେଶ୍ୱର୍ ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍ କାର୍ଯ୍ୟାଳୟ ନ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ବିଭାଗ୍ର ପ୍ରମୁଖ ଶାସନ୍

ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମନୀଷା ବାନାର୍ଜୀ ଆର୍ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

‘ନିସାର୍’ ଉପଗ୍ରହ                ଆର୍ଏନ୍ୟୁ/ ସମ୍ବଲପୁର

ଭାରତୀୟ ମହାକାଶ୍ ଗବେଷଣା ସଂସ୍ଥା - ଇସ୍ରୋ ଆଉ ଆମେରିକା ମହାକାଶ୍ ସଂସ୍ଥା- ନାସା ତର୍ଫୁ ‘ନିସାର୍’ ଉପଗ୍ରହ ଉତ୍କ୍ଷେପଣ୍ ଲାଗି ଗଲାକାଏଲ୍ଠାନୁ ଅବଗଣନା ମୁଲ୍ ହେଇଛେ । ଭାରତୀୟ ସମିଆ ଆଏଜ୍ ଉପର୍ବେଲା ୫ ବାଜିକରି ୪୦ ମିନିଟ୍ଥି ଜି.ଏସ୍.ଏଲ୍.ଭି. ରକେଟ୍ ଜରିଏ ଆନ୍ଧ୍ରପ୍ରଦେଶ୍ର ଶ୍ରୀହରିକୋଟା ଠାନୁ ଇ ଉପଗ୍ରହକେ ଉତ୍କ୍ଷେପଣ୍ କରାଯିବା ।

ଆଂକାକ୍ଷୀ ବ୍ଲକ ବର୍ଗ-ନୂଆପଡ଼ା              ନୂଆପଡ଼ା ସମ୍ବାଦଦାତା

ସମ୍ପୂର୍ଣ୍ଣତା ଅଭିଯାନ୍ ସମ୍ମାନ୍ ସମାରୋହଥି ଗଲାକାଏଲ୍ ନୂଆପଡ଼ା ଜିଲ୍ଲାର୍ ୨ ଟା ବ୍ଲକ୍ ସମ୍ମାନିତ୍ ହେଇଛେ । କାର୍ଯ୍ୟକ୍ରମ୍ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଜିଲ୍ଲାର୍ କୋମ୍ନା ଆଉ ବୋଡ଼େନ୍ ବ୍ଲକ୍କେ ଭଲ୍ ପ୍ରଦର୍ଶନ୍ କରିଥିବା ଆଂକାକ୍ଷୀ ବ୍ଲକ୍ ବର୍ଗଥି କାଂସ୍ୟ ପଦକ୍ ପ୍ରଦାନ୍

କରିଛନ୍ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଉପସ୍ଥିତ୍ ରହିକରି ପୁରସ୍କାର୍ ଗ୍ରହଣ୍ କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ଲଘୁଚାପ୍ ବଲେ ରାଏଜେ ବର୍ଷା ପାଗ୍ ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ଘଡ୍‌ଘଡ଼ି ସହେତେ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା, ବର୍‌ଗଡ୍, ଦେବ୍‌ଗଡ୍ ସହେତେ ୧୫ ଟା ଜିଲ୍ଲା ନ ଘଡ୍‌ଘଡ଼ଇ ସହେତେ ଧୁକାଗର୍ଡ଼ି ହେଇପାରେ ବଲି କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ୧୮ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ଆଏଜ୍ ସଖାଲର୍ ୬ ବଜେତକ୍ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ୬ ଶହ ୧୨ ଦଶ୍‌ମିକ୍ ୮/୫ ଫୁଟ୍ ରହିଛେ ।